ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev(OD)/815/02-12-2020

## ଏସ୍‌ଟିଏସ୍‌ସି ବିଭାଗ ପକ୍ଷରୁ

## କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ଜନଜାତିଙ୍କ ଜୀବନଜୀବିକା ଉପରେ ୱେବିନାର ସିରିଜ୍ 'ଟ୍ରାଇବାଲ୍ ଡାଇଲଗ୍' ଆରମ୍ଭ

ଭୁବନେଶ୍ୱର, ତା.୦୨/୧୨/୨୦୨୦

ଆଜି ପୂର୍ବାହ୍ନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ୱେବିନାର ସିରିଜ୍ 'ଟ୍ରାଇବାଲ୍ ଡାଇଲଗ୍' ଆରମ୍ଭ ହୋଇଛି । ଏହି 'ଟ୍ରାଇବାଲ୍ ଡାଇଲଗ୍' କାର୍ଯ୍ୟକ୍ରମର ବିଷୟବସ୍ତୁ ଜନଜାତିଙ୍କ ଜୀବନଜୀବିକା ଉପରେ ପର୍ଯ୍ୟବସିତ ଥିଲା ।

ଆଜିର ଏହି ପ୍ରଥମ କାର୍ଯ୍ୟକ୍ରମକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଥିଲେ ଓ ଏହା ବିଭାଗ ପକ୍ଷରୁ ଏକ ଅଭିନବ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ । ୱେବିନାର୍‌ରେ ଯୋଗଦେଇ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟର ଯୁଗ୍ମ ସଚିବ ନଭ୍‌ଜିତ କାପୁର କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆଦିବାସୀ ଉନ୍ନୟନ ଯୋଜନା ସଂପର୍କରେ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମିଶନ ଜୀବିକା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସଂପର୍କରେ ଆଲୋକପାତ କରିଥିଲେ । ଶ୍ରୀମତୀ ଚୋପ୍ରା କହିଲେ ଯେ, ଏହି ମିଶନ ଦ୍ୱାରା ଜନଜାତିମାନଙ୍କର ଆର୍ଥିକ ଅଭିବୃଦ୍ଧି ହେବା ସହିତ ଜୀବନଧାରଣର ମାନରେ ଉନ୍ନତି ହୋଇପାରୁଛି ।

ଆଜିର ପ୍ରଥମ ୱେବିନାର ସିରିଜ୍‌ରେ ସମାଜରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ପଦ୍ମଶ୍ରୀ କମଳା ପୂଜାରୀ, ଡ. ଅରବିନ୍ଦ କୁମାର ପାଢ଼ୀ, ଆଇଏଏସ୍, ସିୱାଇଏସ୍‌ଡିର ପ୍ରତିଷ୍ଠାତା ଶ୍ରୀ ଜଗଦାନନ୍ଦ, 'ପ୍ରଦାନ'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର ଦାମୋଦରନ୍ ଜନଜାତିମାନଙ୍କର ଜୀବନ ଓ ଜୀବିକା ନିର୍ବାହର ବିଭିନ୍ନ ଦିଗ ସଂପର୍କରେ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଏହି ୱେବିନାର୍‌ରେ ୫୦୦ ଜଣ ସରକାରୀ ପଦାଧିକାରୀ, କ୍ଷେତ୍ର ଅଧିକାରୀ, ଆଦିବାସୀ ଉନ୍ନୟନ ଉପରେ କାର୍ଯ୍ୟ କରୁଥିବା ସିଭିଲ୍ ସୋସାଇଟି ସଂସ୍ଥା ଓ କମ୍ୟୁନିଟି ସଦସ୍ୟ ଭର୍ଚୁଆଲ୍ ମୋଡ୍‌ରେ ଯୋଗଦାନ କରିଥିଲେ । ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର, ଆଇଏଏସ୍ ବିଭାଗୀୟ ନିର୍ଦ୍ଦେଶିକା(ଏସ୍‌ଟି) ତଥା ଓଟିଡିଏସ୍‌ର ସିଇଓ ଏହି ୱେବିନାର୍‌କୁ ପରିଚାଳନା କରିଥିଲେ ।

ଓଡ଼ିଶା ସରକାରଙ୍କର 'ମୋ ସରକାର' ଓ ୫-'ଟି' ପଦକ୍ଷେପ ଅନୁସାରେ ୨୦୧୯ ମସିହା ଅକ୍ଟୋବର ମାସରେ 'ମିଶନ ଜୀବିକା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରତିବର୍ଷ ଏହି କାର୍ଯ୍ୟକ୍ରମରେ ୧ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ୫୪୫ଟି କୃଷି ଓ ଅଣକୃଷି କ୍ଲଷ୍ଟର ମାଧ୍ୟମରେ ୧ ଲକ୍ଷ ୧୮ ହଜାର ୩୩୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । କୃଷିଭିତ୍ତିକ ଓ ଅଣକୃଷିଭିତ୍ତିକ ଜୀବିକା ନିମନ୍ତେ ଉନ୍ନତ ମାନର କୃଷି ଉତ୍ପାଦନ, ଜଳସେଚନ ଓ ଉପଯୁକ୍ତ ସମୟରେ ବଜାରକରଣ କରାଯାଇଛି । ଗୁଣାତ୍ମକ ସାମଗ୍ରୀର ଉପଯୋଗ କରାଯାଇ କୃଷିଭିତ୍ତିକ କ୍ଲଷ୍ଟର ଯଥା ଚଣା କ୍ଲଷ୍ଟର, ମକା କ୍ଲଷ୍ଟର, ଅର୍ଥକାରୀ ପନିପରିବା କୁକୁଡ଼ା ଚାଷ କ୍ଲଷ୍ଟର ଦ୍ୱାରା ଜନଜାତିମାନଙ୍କର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଏତଦ୍‌ବ୍ୟତୀତ କୃଷି ଓ ଜଳସେଚିତ ଜମିର ପରିସୀମା ବୃଦ୍ଧି ହୋଇଛି । 'ମିଶନ ଜୀବିକା' କାର୍ଯ୍ୟକ୍ରମ ଦ୍ୱାରା ପତିତ ଜମିକୁ ଚାଷ ଉପଯୋଗୀ କରାଯାଇପାରିଛି । ପ୍ରକାଶ ଥାଉ କି, ବିଭାଗ ପକ୍ଷରୁ ପ୍ରତ୍ୟେକ ମାସ ପ୍ରଥମ ସପ୍ତାହରେ ଆଦିବାସୀ ଉନ୍ନୟନ ବିଷୟକ ୱେବିନାର୍ ଆୟୋଜିତ ହେବ ।

ଡକ୍ଟର ଜ୍ୟୋତିର୍ମତି ସାମନ୍ତରାୟ
ସୂଚନା ଅଧିକାରୀ